## ସଂକ୍ଷେପରେ

### ୫ ମୁଣ୍ଡ ନେଲା କରୋନା

**ଅନୁଗୋଳ ଅଫିସ, ୨୨।୭:** ଅନୁଗୋଳ ଜିଲାରୁ ଗୁରୁବାର ୮୫ ଜଣ ନୂଆ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ୍ ପଜିଟିଭ୍ ସଂଖ୍ୟା ୪୨ ହଜାର ୪୫୦ରେ ପହଞ୍ଚିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ କିଶୋରନଗର ବ୍ଲକରୁ ୧୬, ବଣ୍ଟିଁରପାଳ ବ୍ଲକରୁ ୧୫, ତାଳଚେର ବ୍ଲକରୁ ୧୪, କଣିହାଁ ବ୍ଲକରୁ ୧୦, ଅନୁଗୋଳ ବ୍ଲକରୁ ୯, ଛେଣ୍ଡିପଦା ବ୍ଲକରୁ ୮, ଅନୁଗୋଳ ପୌରାଞ୍ଚଳରୁ ୭, ପାଲଲହଡ଼ା ବ୍ଲକରୁ ୪ ଓ ଆଠମଲ୍ଲିକ ବ୍ଲକରୁ ୨ ଜଣ ରହିଛନ୍ତି। ସେହିପରି ଦିନକରେ ଜିଲାରୁ ୮୭ ଜଣ କରୋନାରୁ ସୁସ୍ଥ ହୋଇଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ଜିଲାରୁ ପୁଣି କରୋନରେ ୫ ଜଣଙ୍କ ମୃତ୍ୟୁ ହୋଇଛି। ଏହାକୁ ମିଶାଇ ଜିଲାରେ ମୋଟ ମୃତକଙ୍କ ସଂଖ୍ୟା ୨୧୧ରେ ପହଞ୍ଚିଛି।

### ସାପ କାମୁଡ଼ାରେ ଜଣେ ମୃତ

**ଅନୁଗୋଳ ଅଫିସ, ୨୨।୭:** ଅନୁଗୋଳ ଜିଲା ସମଲ ଥାନା ଶ୍ରୀପୁର ଅଞ୍ଚଳର ଝଗୁଡୁ କିଷାନ(୭୫)ଙ୍କ ସାପ କାମୁଡ଼ାରେ ମୃତ୍ୟୁ ହୋଇଛି। ଝଗୁଡୁ ଗତ ମଙ୍ଗଳବାର ଭୋର ସମୟରେ ଶୋଇଥିବାବେଳେ ସାପ କାମୁଡ଼ି ଦେଇଥିଲା। ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟ ଅଣାଯାଇଥିଲେ ମଧ୍ୟ ବୁଧବାର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଯାଇଥିଲା। ଖବରପାଇ ଅନୁଗୋଳ ପୋଲିସ ପହଞ୍ଚି ମୃତଦେହ ବିଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

### ବନ୍ଧୁକ ଦେଖାଇ ବିବାହ ଜିଦ୍, ୨ ଗିରଫ

**ଅନୁଗୋଳ ଅଫିସ, ୨୨।୭:** ଅନୁଗୋଳ ସଦର ଥାନା ବଲାସିଂହା ଅଞ୍ଚଳର ଏକ କନ୍ୟା ବୁଧବାର ବିବାହ ବେଦିରେ ବସିଥିବା ବେଳେ ସମ୍ପର୍କୀୟ ଭିଣୋଇଙ୍କ ସହ ଯାଇଥିବା ଜଣେ ଯୁବକ ସେଠାରେ ବନ୍ଧୁକ ଦେଖାଇ ସମ୍ପୃକ୍ତ କନ୍ୟାଙ୍କୁ ବିବାହ କରିବାକୁ ଜିଦ୍ କରିଥିଲେ। ଏପରି କି ବିବାହ ନ କଲେ ଆତ୍ମାହୁତି ଦେବାକୁ ଧମକ ଦେଇଥିଲେ। ଏ ନେଇ ଖବରପାଇ ସଦର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ସମ୍ପର୍କୀୟ ଭିଣୋଇ ମୃଷାପାପୁଲି ଅଞ୍ଚଳର ଗଦାଧର ନାଏକ ଓ ତାଙ୍କ ସାଙ୍ଗ ବଲାସିଂହାର ନକୁଳ ନାଏକଙ୍କୁ ଗିରଫ କରିଥିଲା। ସେମାନଙ୍କଠାରୁ ଏକ ଭଙ୍ଗା ବନ୍ଧୁକ ଜବତ ହୋଇଛି। ନଂ. ୪୨୫/୨୧ରେ ମାମଲା ରୁଜୁ କରାଯାଇ ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ପ୍ରଭାତ ତ୍ରିପାଠୀ ସୂଚନା ଦେଇଛନ୍ତି।

### ପୋତାଯାଇଥିବା ମୃତଦେହ ବାହାରକଲା ପୋଲିସ

**କଣିହାଁ, ୨୨।୭(ଡି.ଏନ.ଏ.):** କଣିହାଁ ବ୍ଲକ ସମଲ ଥାନା କର୍ଣ୍ଣପାଳ ଗ୍ରାମର ବିପ୍ର ମହାରଣା (୫୦)ଙ୍କ ମୃତ୍ୟୁ ପରେ ପରିବାର ଲୋକେ ଓ ପଡ଼ୋଶୀ ମୃତଦେହ ପୋତି ଦେଇଥିଲେ। ତେବେ ଏ ନେଇ ପୋଲିସ ନିକଟରେ ଅଭିଯୋଗ ପହଞ୍ଚିବା ପରେ ଗୁରୁବାର ସମଲ ପୋଲିସ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ମୃତଦେହ ବାହାର କରି ବ୍ୟବଚ୍ଛେଦ ନିମନ୍ତେ ତାଳଚେର ଉପଖଣ୍ଡ ଚିକିତ୍ସାଳୟକୁ ପଠାଯାଇଛି।

# ଦଖଲ କରିନେଲେଣି ଦଲାଲ

- ବଇଣ୍ଡାରେ ବଢୁଛି ସରକାରୀ ଜମି ଜବରଦଖଲ
- ବିଭିନ୍ନ କାର୍ଯ୍ୟାଳୟ ନିର୍ମାଣ ପାଇଁ ମିଳୁନି ଜାଗା
- ନୋଟିସ, ଜରିମାନାରେ ଅଟକିଛି ପ୍ରଶାସନ


ସରକାରୀ ଜମିରେ ଘର ନିର୍ମାଣ କରାଯାଇଛି।

**ବଇଣ୍ଡା, ୨୨।୭(ପରିକ୍ଷିତ ସାହୁ)**

ସରକାରୀ ଜମି ଉପରେ ପଡ଼ିଛି ଦଲାଲଙ୍କ ଦୃଷ୍ଟି। ବିଭିନ୍ନ କୌଶଳ କରି ସେମାନେ ଅକ୍ତିଆର କରିନେଉଛନ୍ତି ଦଣ୍ଡା, ଗୋଚର, ଶ୍ମଶାନ ଓ ପାଣି ମାହାରା। ଏପରି କି ରାଜପଥ ପାର୍ଶ୍ୱରେ ଥିବା ସରକାରୀ ଜମି ମଧ୍ୟ ସେମାନଙ୍କ ଦଖଲକୁ ଚାଲିଯାଉଛି। ବାରମ୍ବାର ଅଭିଯୋଗ ସତ୍ତ୍ୱେ ପ୍ରଶାସନର ପଦକ୍ଷେପ କେବଳ ନୋଟିସ ଓ ଜରିମାନାରେ ଅଟକିଥିବାରୁ ବାଧାପ୍ରାପ୍ତ ହେଉଛି ବିକାଶ କାର୍ଯ୍ୟ। ସରକାରୀ କାର୍ଯ୍ୟାଳୟ ନିର୍ମାଣ ନିମନ୍ତେ ଅଭାବ ପଡ଼ିଲାଣି ଜାଗା। ଏହାକୁ ନେଇ ଅନୁଗୋଳ ଜିଲା କିଶୋରନଗର ବ୍ଲକ ବଇଣ୍ଡାରେ ଦେଖାଦେଇଛି ଜନଅସନ୍ତୋଷ।

ଆଠମଲ୍ଲିକ ଉପଖଣ୍ଡର ମୁଖ୍ୟ ବ୍ୟବସାୟିକ ପେଣ୍ଠସ୍ଥଳୀ ବଇଣ୍ଡା ଛକ ଅଞ୍ଚଳରେ ଦୀର୍ଘଦିନରୁ ସରକାରୀ ଜମି ଜବରଦଖଲ ସମସ୍ୟା ବଢିବାରେ ଲାଗିଛି। ଏକର ଏକର ଜମିକୁ ଜବରଦଖଲ ସହ ଘର ନିର୍ମାଣ କରାଯାଉଛି। ୫୫ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଏହି ଛକ ପଡୁଥିବାରୁ ସହର ପରି ସୁବିଧା ପାଇବାକୁ ବାହାର ଅଞ୍ଚଳର ଲୋକେ ଏଠାରେ ବସତି ସ୍ଥାପନ ନିମନ୍ତେ ଆଗଭର ହେଉଛନ୍ତି। ଏହାର ସୁଯୋଗ ନେଇ ଦଲାଲମାନେ ସରକାରୀ ଜମିକୁ ଗୁଣ୍ଠ ପ୍ରତି ମାତ୍ର ୫୦ ହଜାର ଟଙ୍କାରେ ସେମାନଙ୍କୁ ବିକ୍ରି କରିଦେଉଛନ୍ତି। ବହୁ ସରକାରୀ ଚାକିରିଆ, ବଡ଼ ବ୍ୟବସାୟୀ, ଠିକାଦାର ସରକାରୀ ଜମି କିଣି ଘର ଠିଆ କରିଛନ୍ତି। ରାଜସ୍ୱ ବିଭାଗର କେତେଜଣ କର୍ମଚାରୀଙ୍କୁ ବହୁ ପୂର୍ବରୁ ହାତ କରି ଦଲାଲମାନେ ନୁନୁକାପଶି ଅଞ୍ଚଳର ପ୍ଲଟ ନମ୍ବର ୧୦୪୭, ୫, ୧୧୧୪, ୩୬୫, ୧୧୬୯, ୧୧୭୦, ୩୬୭, ୬୭୬, ୩୬୫, ୬୭୭, ୩୬୭, ୬୭୦ ଓ ୯୭୯ ଆଦିକୁ ନିଜ ଅକ୍ତିଆରରେ ରଖିଛନ୍ତି। ସେହିପରି କଦଳୀମୁଣ୍ଡା, ଶରଧାମୁଣ୍ଡା, ବୈଷ୍ଣବସାହି, ବଇଣ୍ଡା ଛକ ମୌଜାରେ ସରକାରୀ ଜମି ଜବରଦଖଲ କରିଛନ୍ତି। ଚନ୍ଦନ ପୋଖରୀକୁ ବହି ଆସିଥିବା ପାଣି ମାହାରା, ଗୁମୁଖୀନାଳରୁ ବହିଥିବା ପାଣି ମାହାରା ଓ ଶିବ ମନ୍ଦିର ଦେଇ ଆସିଥିବା ପାଣି ମାହାରାକୁ ମଧ୍ୟ ଜବରଦଖଲ କରାଯାଇଛି। ୫୫ନଂ. ଜାତୀୟ ରାଜପଥ ସମ୍ପ୍ରସାରଣ ଯୋଗୁ ବଇଣ୍ଡା ଅଞ୍ଚଳର ରାସ୍ତା ପାର୍ଶ୍ୱରେ ଥିବା ଅନେକ ସରକାରୀ କାର୍ଯ୍ୟାଳୟ ଭଙ୍ଗାଯାଇଛି। ହେଲେ ସରକାରୀ ଜମି ଜବରଦଖଲ ଯୋଗୁ ଏସବୁ କାର୍ଯ୍ୟାଳୟ ଅନ୍ୟତ୍ର ନିର୍ମାଣ ନିମନ୍ତେ ସ୍ଥାନାଭାବ ଦେଖାଦେଇଛି। ବେଆଇନ ଜମି ଦଖଲ ବିରୋଧରେ ବଇଣ୍ଡା ଗ୍ରାମବାସୀ ତା ୧୦ ଏପ୍ରିଲ ୨୦୧୬ ଓ ୧୮ ଅଗଷ୍ଟ ୨୦୧୮ରେ ଜିଲାପାଳ ଏବଂ ରାଜସ୍ୱ ସଚିବଙ୍କୁ ଅଭିଯୋଗ କରିଥିଲେ। ୨୦୨୦ ମସିହାରେ ବଇଣ୍ଡା ରାଜସ୍ୱ ବିଭାଗ ପକ୍ଷରୁ ସରକାରୀ ଜମିରେ ଘର କରିଥିବା ୨୫୨ ଜଣ ବ୍ୟକ୍ତିଙ୍କୁ ଚିହ୍ନଟ କରାଯାଇ ସେମାନଙ୍କ ନାମରେ ତହସିଲ କାର୍ଯ୍ୟାଳୟରେ ମାମଲା କରାଯାଇଥିଲା। ଜରିମାନା ଦେବାକୁ ନୋଟିସ ପଠାଯାଇଥିଲା। ସେମାନଙ୍କ ମଧ୍ୟରୁ ମାତ୍ର ୩୫ ଜଣ ୫୩ ହଜାର ଟଙ୍କା ଜରିମାନା ଦେଇଥିଲେ। ସେବେଠାରୁ ଆଉ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିବା ବଇଣ୍ଡା ଗ୍ରାମବାସୀ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ବଇଣ୍ଡା ଆରଆଇ ଆନନ୍ଦ ଚନ୍ଦ୍ର ସାହୁ କହିଛନ୍ତି, ଜବରଦଖଲ ଚିହ୍ନଟ କରାଯାଇଛି। ସେଠାରେ ନିର୍ମାଣ କରାଯାଇଥିବା ଘରଗୁଡିକ ଭାଙ୍ଗିବା ପାଇଁ ପ୍ରସ୍ତୁତି ଚାଲିଛି।

**ବିକାଶରେ ବ୍ୟବହାର କରାଯାଉ**



"ଜବରଦଖଲ ଯୋଗୁ ବଇଣ୍ଡାରେ ବହୁ ସମସ୍ୟା ସୃଷ୍ଟି ହେଉଛି। ବାହାର ଅଞ୍ଚଳର ଲୋକେ ଆସି ଜମି ମାଫିଆଙ୍କୁ ଧରି ସରକାରୀ ଜମିରେ ଘର ନିର୍ମାଣ କରୁଛନ୍ତି। ବହୁବାର ଅଭିଯୋଗ କରାଯାଇଥିଲେ ମଧ୍ୟ ସୁଫଳ ମିଳୁନାହିଁ। ଜବରଦଖଲ ଉଚ୍ଛେଦ ସହ ବିକାଶ କାର୍ଯ୍ୟରେ ଜମି ବ୍ୟବହାର କରାଯାଉ।

-ରାଜା ଶର୍ମା, ବଇଣ୍ଡା

**ମାଡ଼ି ବସିଛନ୍ତି ଶ୍ମଶାନ, ଗୋଚର**



"ନୁନୁକାପଶି ସହ ଅନ୍ୟ ମୌଜାରେ ଥିବା ସରକାରୀ ଜମି, ଶ୍ମଶାନ ଓ ଗୋଚର ଆଦି ଜବରଦଖଲ କରାଯାଇଛି। ସେଥିମଧ୍ୟରୁ ଅନେକ ସ୍ଥାନରେ ଲୋକେ ଘର ନିର୍ମାଣ କରିଛନ୍ତି। ସେସବୁ ଉଚ୍ଛେଦ ଦିଗରେ ତହସିଲ ପକ୍ଷରୁ ଦୃଷ୍ଟି ଦିଆ ନ ଗଲେ ଆଗାମୀ ଦିନରେ ଅଧିକ ସମସ୍ୟା ଦେଖାଦେବ।

-ଭଗବାନ ଘିୱାଲା, ନୁନୁକାପଶି

**ସଙ୍କଟ ପୂର୍ବରୁ ସମାଧାନ ହେଉ**



"ରାଜସ୍ୱ କାର୍ଯ୍ୟାଳୟର କେତେଜଣ କର୍ମଚାରୀଙ୍କୁ ହାତକରି ଦଲାଲମାନେ ବଇଣ୍ଡା ନିକଟରେ ଥିବା ସରକାରୀ ଜମିଗୁଡିକ ଜବରଦଖଲ କରୁଛନ୍ତି। ଏହି କାରଣରୁ ବିକାଶ କାର୍ଯ୍ୟ ପାଇଁ ବଇଣ୍ଡାରେ ଜମି ଅଭାବ ପଡୁଛି। ଅଧିକ ସଙ୍କଟ ଆସିବା ପୂର୍ବରୁ ଉଚ୍ଛେଦ କରାଯାଉ।

-ରମେଶ କୁମାର ବେହେରା, କଦଳୀମୁଣ୍ଡା

**ବର୍ଷା ଜଳ ନିଷ୍କାସନ ହୋଇପାରୁନି**



"କେବଳ ସରକାରୀ ଜମି ନୁହେଁ, ବଇଣ୍ଡା ଅଞ୍ଚଳରେ ଥିବା ବହୁ ପାଣି ମାହାର ଜବରଦଖଲ କରାଯାଇଛି। ଏହି କାରଣରୁ ବର୍ଷା ଜଳ ଠିକ୍ ଭାବେ ନିଷ୍କାସନ ହୋଇପାରୁନାହିଁ। ଅନେକ ଲୋକଙ୍କ ଘରେ ପାଣି ପଶିଯାଉଥିବାରୁ ସେମାନେ ସମସ୍ୟା ଭୋଗୁଛନ୍ତି। ଜବରଦଖଲ ଉଚ୍ଛେଦ ଜରୁରୀ ହୋଇପଡ଼ିଛି।

-ଜଳଧର ସାହୁ, ସରପଞ୍ଚ

**ମାମଲା ସହ ଗିରଫ କରାଯିବ**



"ସରକାରୀ ଜମି ଜବରଦଖଲ ସମ୍ପୂର୍ଣ୍ଣ ବେଆଇନ। ଏପରି ଲୋକଙ୍କୁ ଚିହ୍ନଟ କରାଯାଇ ଉଚ୍ଛେଦ ନିମନ୍ତେ ଶୀଘ୍ର ପଦକ୍ଷେପ ନିଆଯିବ। ପାଣି ମାହାରା ମାଡ଼ି ବସିଥିବା ବ୍ୟକ୍ତିମାନଙ୍କ ନାମରେ ମାମଲା କରାଯିବ। ସେମାନଙ୍କୁ ଗିରଫ କରିବାକୁ ନିର୍ଦ୍ଦେଶ ଦିଆଯିବ।

-ଶାନ୍ତି ସ୍ୱରୂପ ମିଶ୍ର, ତହସିଲଦାର

### ନଦୀରେ ବୁଡ଼ି ଯୁବକ ମୃତ

**ଛେଣ୍ଡିପଦା, ୨୨।୭(ସ୍ୱ.ପ୍ର.)**

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ସୀମାନ୍ତ ଦେବଗଡ ଜିଲା କୁଣ୍ଢେଇଗୋଳା ଥାନା ଅଞ୍ଚଳରେ ନଦୀରେ ବୁଡି ରୋଟାନାଳି ଗ୍ରାମର ପ୍ରତାପ ପ୍ରଧାନ(୩୦)ଙ୍କ ମୃତ୍ୟୁ ହୋଇଛି। ପ୍ରତାପ ଓ ତାଙ୍କ ୩ ସାଙ୍ଗ ଟିକିରା ନଦୀକୁ ଗାଧୋଇବା ପାଇଁ ଯାଇଥିବା ବେଳେ ପ୍ରତାପ ବୁଡ଼ି ଯାଇଥିଲେ। ସାଙ୍ଗମାନେ ଖୋଜାଖୋଜି କରିଥିଲେ ମଧ୍ୟ ପତ୍ତା ପାଇ ନ ଥିଲେ। ଖବରପାଇ ଛେଣ୍ଡିପଦା ଅଗ୍ନିଶମ ବାହିନୀ ଓ କୁଣ୍ଢେଇଗୋଳା ପୋଲିସ ପହଞ୍ଚି ପ୍ରତାପଙ୍କ ମୃତଦେହ ଉଦ୍ଧାର କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### ବଜ୍ରପାତରେ ନାବାଳକ ମୃତ

**ଛେଣ୍ଡିପଦା, ୨୨।୭(ସ୍ୱ.ପ୍ର.)**

ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ଶିମିଳିପାଳ ପଞ୍ଚାୟତ ଶିଙ୍କୁଳାପାଟ ଗ୍ରାମରେ ଗୁରୁବାର ବଜ୍ରପାତ ଘଟି ଜଣେ ନାବାଳକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ରମେଶ ମାଝିଙ୍କ ପୁତ୍ର ମହେଶ ମାଝି(୧୫)। ପ୍ରକାଶ ଯେ, ମହେଶ ସାଇକେଲ ଯୋଗେ ଜୟପଙ୍ଗା ଗ୍ରାମରୁ ନିଜ ଗ୍ରାମକୁ ଫେରୁଥିବାବେଳେ ବର୍ଷା ସହ ବଜ୍ରପାତ ହୋଇଥିଲା। ଘଟଣାସ୍ଥଳରେ ମହେଶ ଚେତାଶୂନ୍ୟ ହୋଇ ପଡ଼ି ଯାଇଥିଲେ। ଖବରପାଇ ପରିବାର ଲୋକେ ଆମ୍ବୁଲାନ୍ସ ଯୋଗେ ନେଇ ତାଙ୍କୁ ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଛେଣ୍ଡିପଦା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

## ବୋଲେରୋ ନିଓ ବଜାର ପ୍ରବେଶ


ବୋଲେରୋ ନିଓର ଅନୁଗୋଳ ବଜାର ପ୍ରବେଶ କରାଯାଉଛି।

**ଅନୁଗୋଳ ଅଫିସ, ୨୨।୭**

ଅନୁଗୋଳ ପଞ୍ଚମହଲାସ୍ଥିତ ସିଦ୍ଧି ଲକ୍ଷ୍ମୀ ମୋଟର୍ସରେ ମହିନ୍ଦ୍ରା ଏବଂ ମହିନ୍ଦ୍ରା ଲିମିଟେଡର 'ବୋଲେରୋ ନିଓ'ର ବଜାର ପ୍ରବେଶ କରାଯାଇଛି। ଭାରତୀୟ ଷ୍ଟେଟ ବ୍ୟାଙ୍କର ମୁଖ୍ୟ ପ୍ରବନ୍ଧକ ଅରବିନ୍ଦ ତ୍ରିପାଠୀ, ସିଦ୍ଧି ଲକ୍ଷ୍ମୀ ମୋଟର୍ସର ଏମ.ଡି. ସୁଜିତ୍ ଅଗ୍ରୱାଲା ଏବଂ ରାଜ କୁମାର ଅଗ୍ରୱାଲା, କେ. ଅଗ୍ରୱାଲା, ମହିନ୍ଦ୍ରା ଏବଂ ମହିନ୍ଦ୍ରାର ସୌମ୍ୟଜିତ ମଣ୍ଡଳଙ୍କ ଉପସ୍ଥିତିରେ ଏହି ଉନ୍ମୋଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଭାରତୀୟ ଷ୍ଟେଟ ବ୍ୟାଙ୍କ, ମହିନ୍ଦ୍ରା ଫାଇନାନ୍ସ, ଚୋଲା ମଣ୍ଡଳମ୍ ଫାଇନାନ୍ସ ଭଳି ବହୁ ଫାଇନାନ୍ସ ସଂସ୍ଥା ପ୍ରତିନିଧି ଉପସ୍ଥିତ ଥିଲେ। ଏହି ୭ ସିଟ୍ ବିଶିଷ୍ଟ ବୋଲେରୋ ନିଓର ଏକ୍ସ-ଶୋ'ରୁମ୍ ମୂଲ୍ୟ ୮.୪୮ ଲକ୍ଷ ଟଙ୍କା ରହିଛି। ନୂଆ ପିଢ଼ିର ଗ୍ରାହକମାନଙ୍କୁ ନଜରରେ ରଖି କମ୍ପାନୀ ଏହାକୁ ବିକଶିତ କରିଥିବା ଶୋ'ରୁମ୍ ପକ୍ଷରୁ କୁହାଯାଇଛି।

## ନବଜାତ ଶିଶୁ କନ୍ୟା ଉଦ୍ଧାର

**ଅନୁଗୋଳ ଅଫିସ, ୨୨।୭**

ଅନୁଗୋଳ ଜିଲାରେ ପୁଣି ଜଣେ ଶିଶୁକନ୍ୟା ଅଲୋଡ଼ା ହୋଇଛି। ଜନ୍ମ ପରେ ରାସ୍ତା କଡକୁ ଫିଙ୍ଗିଦେଇ ମା' ଚାଲି ଯାଇଥିବା ବେଳେ ବନ୍ତଳା ଭାଲିଆପାଳ ଗ୍ରାମର ଜଣେ ଯୁବକ ତାଙ୍କୁ ଉଦ୍ଧାର କରିଛନ୍ତି। ସକାଳ ପ୍ରାୟ ସାଢ଼େ ୬ଟା ବେଳେ ଯୁବକ ଜଣକ ନିକଟସ୍ଥ ନାଳକୁ ଗାଧୋଇବା ପାଇଁ ଯାଉଥିବା ବେଳେ ଶିଶୁର କାନ୍ଦ ଶୁଣିବାକୁ ପାଇଥିଲେ। ଖୋଜାଖୋଜି କରିବା ପରେ ସେଠାରୁ ଏକ ନବଜାତ ଶିଶୁକନ୍ୟାକୁ ପାଇ ଘରକୁ ନେଇ ଯାଇଥିଲେ। ଖବରପାଇ ସ୍ଥାନୀୟ ଆଶାକର୍ମୀ, ଅଙ୍ଗନୱାଡ଼ି କର୍ମୀଙ୍କ ସହ ସରପଞ୍ଚ ପହଞ୍ଚି ବନ୍ତଳା ଥାନାକୁ ଜଣାଇଥିଲେ। ଶିଶୁକନ୍ୟାଟି ଅସୁସ୍ଥ ଥିବାରୁ ତାକୁ ପ୍ରଥମେ ବନ୍ତଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି।

## ଉଚ୍ଛେଦ ଜାଗାରେ ଫଳ ପସରା

**ଅନୁଗୋଳ ଅଫିସ, ୨୨।୭**

ଅନୁଗୋଳ ସହର ବସ୍‌ଷ୍ଟାଣ୍ଡ ନିକଟରେ ଥିବା ସରକାରୀ ଜାଗାରୁ ଜବରଦଖଲ ଉଚ୍ଛେଦ କରାଯାଇଥିଲେ ମଧ୍ୟ ତାହାକୁ ପୁଣି ଅକ୍ତିଆର କରାଯିବାର ଉଦ୍ୟମ ହୋଇଥିଲା। ଏପରି ଖବର ପାଇବା

**ଜରିମାନା, ତାଗିଦ୍ ପରେ ଛଡ଼ାଗଲା**

ପରେ ଗୁରୁବାର ପୌର କର୍ତ୍ତୃପକ୍ଷ ଏକ ଫଳ ଦୋକାନକୁ ସିଲ୍ କରିବା ସହ ଜରିମାନା ଆଦାୟ କରିଛନ୍ତି।

ପ୍ରକାଶ ଯେ, ଜବରଦଖଲ ଉଚ୍ଛେଦ ସ୍ଥାନରେ ଆଉ କୌଣସି ବ୍ୟବସାୟୀ ଯେପରି ବ୍ୟବସାୟ ନ କରନ୍ତି ସେ ନେଇ ପୌର କର୍ତ୍ତୃପକ୍ଷଙ୍କ ପକ୍ଷରୁ ଚେତାଇ ଦିଆଯାଇଥିଲା। କିନ୍ତୁ ଜଣେ ଫଳ ବ୍ୟବସାୟୀ ସେଠାରେ ପସରା ମେଲାଇଥିଲେ। ପୌର କର୍ମଚାରୀମାନେ ତାଙ୍କୁ ବାରଣ କରିଥିଲେ ମଧ୍ୟ ସେ ଶୁଣୁ ନ ଥିଲେ। ଏ ସମ୍ପର୍କରେ ଜାଣିବା ପରେ ଟିକେସ ଦାରୋଗା ବିଭୂତିଭୂଷଣ ମହାରଣା, ଏନ୍‌ଫୋର୍ସମେଣ୍ଟ ଦାୟିତ୍ୱରେ ଥିବା ନିର୍ମଳ ବେହେରା, ଜୟନ୍ତ ପଣ୍ଡା ପ୍ରମୁଖ ପହଞ୍ଚି ଉକ୍ତ ଦୋକାନକୁ ସିଲ୍ କରିଥିଲେ। ଏପରି କି ସମସ୍ତ ଫଳକୁ ଅଟୋରେ ଲଦି ପୌର କାର୍ଯ୍ୟାଳୟ ନେଇ ଆସିଥିଲେ। ପରେ ବ୍ୟବସାୟୀ ଜଣକ କାର୍ଯ୍ୟାଳୟରେ ପହଞ୍ଚିବା ପରେ ତାଙ୍କଠାରୁ ୨ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ଉକ୍ତ ସ୍ଥାନରେ ଆଉ ଦୋକାନ ନ କରିବାକୁ ତାଗିଦ୍ କରାଯାଇ ବ୍ୟବସାୟୀଙ୍କୁ ଛଡ଼ାଯାଇଥିବା ପୌର କାର୍ଯ୍ୟାଳୟ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।


ଦୋକାନ ସିଲ୍ ପରେ ଫଳକୁ ଅଟୋରେ ଲଦାଯାଉଛି।

## ଉନ୍ନୟନ କାର୍ଯ୍ୟ ତଦାରଖ

**ଆଠମଲ୍ଲିକ, ୨୨।୭(ଡି.ଏନ.ଏ.)**

ଅନୁଗୋଳ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ବୁଧବାର ଆଠମଲ୍ଲିକ ଉପଖଣ୍ଡର କିଶୋରନଗର ଓ ଆଠମଲ୍ଲିକ ବ୍ଲକ, ଏନ୍‌ଏସିର ବିଭିନ୍ନ ଅଞ୍ଚଳ ଗସ୍ତ କରିଛନ୍ତି। ପୂର୍ବାହ୍ନରେ ଜିଲାପାଳ ପ୍ରଥମେ କିଶୋରନଗର ବ୍ଲକ ନୁନୁକାପଶି ପଞ୍ଚାୟତରେ ନିର୍ମାଣ ହେଉଥିବା ଗ୍ରାମୀଣ ପାର୍କ ବୁଲି ଦେଖିଥିଲେ। ପରେ ହଣ୍ଡପା, ବିଲେଇନାଳୀ ପଞ୍ଚାୟତର ଭେଜିଗୋଠ ଓ ଆଠମଲ୍ଲିକ ବ୍ଲକର ମାଧପୁର, କନ୍ଧପଡ଼ା ପଞ୍ଚାୟତରେ ନିର୍ମିତ ପାର୍କ ପରିଦର୍ଶନ କରିଥିଲେ। କନ୍ଧପଡା ଓ ଭେଜିଗୋଠଠାରେ ଆଦର୍ଶ ପୋଖରୀ କାର୍ଯ୍ୟ ତଦାରଖ କରିଥିଲେ। ଏହାପରେ ଆଠମଲ୍ଲିକ ଏନ୍‌ଏସି କାର୍ଯ୍ୟାଳୟରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ଗାନ୍ଧୀ ଛକ ନିକଟରେ ନିର୍ମାଣ ହେଉଥିବା ସେଲ୍‌ଫି ପଏଣ୍ଟ କାର୍ଯ୍ୟର ତଦାରଖ କରିଥିଲେ। ମାଧପୁରରୁ ଫେରିବା ବାଟରେ ଜିଲାପାଳ ସ୍ୱାଇଁ କୁନ୍ଦନାଳୀଠାରେ ଗାଡ଼ିରୁ ଓହ୍ଲାଇ କେତେଣ ଚାଷୀଙ୍କ ସହ ଆଲୋଚନା କରିଥିଲେ। ଗ୍ରାମୀଣ ପାର୍କ ଓ ଆଦର୍ଶ ପୋଖରୀ କାର୍ଯ୍ୟରେ ବିଳମ୍ବ ନେଇ ଜିଲାପାଳ ଉପସ୍ଥିତ ଅଧିକାରୀଙ୍କୁ ତାଗିଦ୍ କରିଥିଲେ। ଆଠମଲ୍ଲିକଠାରେ ନୂତନ ଦୁଗ୍ଧ ଶୀତଳୀକରଣ କେନ୍ଦ୍ର କାର୍ଯ୍ୟ ୫ ଦିନ ଭିତରେ ଶେଷ କରିବାକୁ ଆଠମଲ୍ଲିକ ବିଡିଓ ସନ୍ତୋଷ କୁମାର ସାହୁଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ଉପଜିଲାପାଳ ଲଳିତ ମୋହନ ବେହେରା, କିଶୋରନଗର ବିଡିଓ ଶ୍ୟାମଳ କୁମାର ରାୟ, ଆଠମଲ୍ଲିକ ବିଡିଓ ସନ୍ତୋଷ କୁମାର ସାହୁ ଉପସ୍ଥିତ ଥିଲେ।


ଜିଲାପାଳ ଜଣେ ଚାଷୀଙ୍କ ସହ ଆଲୋଚନା କରୁଛନ୍ତି।

## ଭୂତଳ ଜଳକୁ ମିଳିବ ବଳ

**ଭୁବନ, ୨୨।୭(ଡି.ଏନ୍.ଏ.)**

ସହରାଞ୍ଚଳରେ ଫିଟିବ କର୍ମନିଯୋଜନର ମାର୍ଗ। ବଢ଼ିବ ଶ୍ରମଜୀବୀଙ୍କ ରୋଜଗାର। ବସ୍ତିବାସିନ୍ଦାଙ୍କଠାରୁ ଆରମ୍ଭ କରି ମହିଳା, ସମସ୍ତଙ୍କ ଜୀବିକା ସୁନିଶ୍ଚିତ କରାଯିବ। ସେମାନଙ୍କ ଜୀବନଧାରଣ ମାନରେ ଉନ୍ନତି ଅଣାଯିବ। ନାରୀଶକ୍ତିକୁ ବ୍ୟବହାର କରାଯାଇ ସହରାଞ୍ଚଳ ବିକାଶ କାର୍ଯ୍ୟ ତ୍ୱରାନ୍ୱିତ ହେବ। ଏଭଳି ମହତ୍ ଲକ୍ଷ୍ୟ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଆରମ୍ଭ ହୋଇଛି ମୁଖ୍ୟମନ୍ତ୍ରୀ କର୍ମତତ୍ପର ଅଭିଯାନ (ମୁକ୍ତା)। ଏହି ଯୋଜନା ଆନୁକୂଲ୍ୟରେ ସହରାଞ୍ଚଳର ବିକାଶକୁ ଗୁରୁତ୍ୱ ଦିଆଯାଉଥିଲେ ହେଁ ପ୍ରାରମ୍ଭିକ ପର୍ଯ୍ୟାୟରେ କ୍ଷୁଦ୍ର ବର୍ଷାଜଳ ଅମଳ ପ୍ରକଳ୍ପ ନିର୍ମାଣ କରି ଭୂତଳ ଜଳସ୍ତର ବୃଦ୍ଧି କରିବାକୁ ଅଗ୍ରାଧିକାର ଦିଆଯାଉଛି। ତଦନୁଯାୟୀ ଢେଙ୍କାନାଳ ଜିଲା ଭୁବନ ଏନ୍‌ଏସିକୁ ୩୦ ଲକ୍ଷ ଟଙ୍କା ଅନୁଦାନ ଆସିଥିବାବେଳେ ଏହି ଅର୍ଥରେ ୭୫ଟି ବର୍ଷା ଜଳ ଅମଳ ପ୍ରକଳ୍ପ ନିର୍ମାଣ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ଅଦ୍ୟାବଧି ୫୫ଟି ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଶେଷ ହୋଇଥିବାବେଳେ ନିର୍ଦ୍ଧାରିତ ସମୟ ମଧ୍ୟରେ ଅବଶିଷ୍ଟ ପ୍ରକଳ୍ପ କାର୍ଯ୍ୟ ସାରିବାକୁ ଏନ୍‌ଏସି କର୍ତ୍ତୃପକ୍ଷ ଲକ୍ଷ୍ୟ ରଖିଛନ୍ତି। ପ୍ରକଳ୍ପ ପୂର୍ଣ୍ଣାଙ୍ଗ ହେଲେ ଭୂତଳ ଜଳକୁ ବଳ ମିଳିବ ବୋଲି ଅଞ୍ଚଳବାସୀ ଆଶାବାଦୀ ହୋଇଉଠିଛନ୍ତି।


ବର୍ଷା ଜଳ ଅମଳ ପ୍ରକଳ୍ପର କାର୍ଯ୍ୟ ଚାଲିଛି।

ଭୁବନ ଦେଇ ବହିଯାଇଛି ଓଡ଼ିଶାର ଦ୍ୱିତୀୟ ବୃହତ୍ତମ ନଦୀ ବ୍ରାହ୍ମଣୀ। ଏକାଧିକ ଜଳଯୋଗାଣ ପ୍ରକଳ୍ପ କାର୍ଯ୍ୟକାରୀ ହୋଇଛି। ଏହା ସତ୍ତ୍ୱେ ଭୂତଳ ଜଳସ୍ତର ହ୍ରାସ ଯୋଗୁ ଖରାଦିନେ କୂଅ, ପୋଖରୀ ଶୁଖିଯାଉଛି। ଗଭୀର ନଳକୂପଗୁଡ଼ିକ ଅଚଳ ହୋଇପଡୁଛି। ପ୍ରତିବର୍ଷ ବଢ଼ିଚାଲିଥିବା ଜଳକଷ୍ଟ ସମସ୍ୟା ଏନ୍‌ଏସି ବାସିନ୍ଦାଙ୍କ ମଧ୍ୟରେ ଅସନ୍ତୋଷ ବଢ଼ାଇ ଚାଲିଛି।

**ଭୁବନ ବିଜ୍ଞାପିତ ଅଞ୍ଚଳ ପରିଷଦ**

- ମୁକ୍ତା ଯୋଜନାରେ ଚାଲିଛି ବର୍ଷାଜଳ ଅମଳ ପ୍ରକଳ୍ପ
- ପ୍ରଥମ ପର୍ଯ୍ୟାୟରେ ଆସିଛି ୩୦ ଲକ୍ଷ ଟଙ୍କା ଅନୁଦାନ
- ପ୍ରସ୍ତାବିତ ୭୫ ପ୍ରକଳ୍ପ ମଧ୍ୟରୁ ସମ୍ପୂର୍ଣ୍ଣ ହେଲାଣି ୫୫

ବର୍ଷାଜଳ ସଂରକ୍ଷଣ ମାଧ୍ୟମରେ ଭୂତଳ ଜଳସ୍ତର ବୃଦ୍ଧି କରାଯିବା ଲକ୍ଷ୍ୟରେ ଏନ୍‌ଏସିରେ ଆରମ୍ଭ ହୋଇଛି ବର୍ଷା ଜଳ ଅମଳ ପ୍ରକଳ୍ପ। ପ୍ରଥମ ପର୍ଯ୍ୟାୟରେ ପ୍ରତି ୱାର୍ଡରେ ୫ଟି ହିସାବରେ ୧୫ ୱାର୍ଡରେ ୭୫ଟି ପ୍ରକଳ୍ପ ନିର୍ମାଣ କରାଯିବାକୁ ଯୋଜନା କରାଯାଇଥିଲା। ଏଥିଲାଗି ରାଜ୍ୟ ସରକାରଙ୍କ ପକ୍ଷରୁ ୩୦ ଲକ୍ଷ ଅନୁଦାନ ଆସିଥିଲା। ଉକ୍ତ ଅର୍ଥ ବିନିଯୋଗରେ ୫୫ଟି ପ୍ରକଳ୍ପ କାର୍ଯ୍ୟ ଶେଷ ହୋଇସାରିଲାଣି। ସ୍ଥାନୀୟ ଅଞ୍ଚଳର ମିଶନ ଶକ୍ତି ସଦସ୍ୟଙ୍କୁ ଏଥିରେ ନିୟୋଜିତ କରାଯାଇଛି। ସମସ୍ତ କାର୍ଯ୍ୟ ତଦାରଖ କରିବା ଲାଗି ୩ଜଣ କର୍ମଚାରୀଙ୍କୁ ନିଯୁକ୍ତ କରାଯାଇଛି। ସ୍ଥାନୀୟ ତହସିଲଦାର, ନିର୍ବାହୀ ଅଧିକାରୀ, ବିଭାଗୀୟ କନିଷ୍ଠ ଯନ୍ତ୍ରୀ ସ୍ଥାନ ନିରୂପଣ କରିବା ପରେ କାର୍ଯ୍ୟ ଆରମ୍ଭ ହେଉଛି। ମିଶନ ଶକ୍ତି ସଦସ୍ୟଙ୍କ ଶ୍ରମ ବିନିଯୋଗରେ ସମସ୍ତ କାମ ହେଉଥିବାବେଳେ ସେମାନଙ୍କ କାନ୍ଧରେ ଏହାର ପରିଚାଳନା ଏବଂ ରକ୍ଷଣାବେକ୍ଷଣ ଦାୟିତ୍ୱ ନ୍ୟସ୍ତ କରାଯାଇଛି। ତେଣୁ ପ୍ରକଳ୍ପଗୁଡ଼ିକ ଦୀର୍ଘସ୍ଥାୟୀ ହୋଇପାରିବ ବୋଲି ଏନ୍‌ଏସି କର୍ତ୍ତୃପକ୍ଷ କହିଛନ୍ତି।

ପ୍ରଥମ ପର୍ଯ୍ୟାୟ ଅନୁଦାନ କେବଳ ବର୍ଷାଜଳ ଅମଳ ପ୍ରକଳ୍ପରେ ବିନିଯୋଗ ହୋଇଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟ ଅନୁଦାନରେ ସହର ବିକାଶ କାର୍ଯ୍ୟ ହେବ। ରାସ୍ତାପାର୍ଶ୍ୱରେ ଟାଇଲଯୁକ୍ତ ପାଦଚଲା ରାସ୍ତା, ଖୋଲା ବ୍ୟାୟାମଶାଳା (ଓପନ ଜିମ୍), ମିନିପାର୍କ, ଓସାରିଆ ରାସ୍ତାରେ ସ୍ମାର୍ଟରୋଡ୍, ଆଲୋକୀକରଣ ବ୍ୟବସ୍ଥା କରାଯିବାକୁ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରାଯାଇଛି।

**ସମସ୍ତେ ସଚେତନ ହେଲେ ଲାଭ ମିଳିବ**



"କୁଶଳୀ ଶ୍ରମିକଙ୍କୁ କର୍ମନିଯୋଜନ ଯୋଗାଇବା, ସେମାନଙ୍କ ଜୀବନଧାରଣ ମାନରେ ଉନ୍ନତି ଆଣିବା ଲକ୍ଷ୍ୟରେ ରାଜ୍ୟର ୧୧୪ ସହରାଞ୍ଚଳରେ ମୁକ୍ତା ଯୋଜନା କାର୍ଯ୍ୟକାରୀ ହେଉଛି। ବର୍ଷାଜଳ ଅମଳ ପ୍ରକଳ୍ପ ଦ୍ୱାରା ଭୂତଳ ଜଳସ୍ତର ବଢ଼ିବ। ସ୍ଥାନୀୟ ବାସିନ୍ଦା ସଚେତନ ହୋଇ ଏହାର ଗୁରୁତ୍ୱ ବୁଝିଲେ ଯୋଜନାର ଲାଭ ମିଳିବ।

-ଦୁର୍ଯ୍ୟୋଧନ ସାହୁ, ନିର୍ବାହୀ ଅଧିକାରୀ, ଭୁବନ ଏନ୍‌ଏସି

**ଆଦର୍ଶ ସହର ଗଠନ ଲାଗି ସୋପାନ**



"'ମୁକ୍ତା' ଯୋଜନାରେ ଭୂତଳ ଜଳସ୍ତର ବଢ଼ାଇବା ଲକ୍ଷ୍ୟରେ ବର୍ଷା ଜଳ ଅମଳ ଲାଗି କ୍ଷୁଦ୍ର ପ୍ରକଳ୍ପ ନିର୍ମାଣ କରାଯାଉଛି। ସ୍ଥାନୀୟ ସ୍ୱୟଂ ସହାୟକ ଗୋଷ୍ଠୀ ଏଥିରେ ସହଯୋଗ କରୁଛନ୍ତି। ବର୍ଷାଜଳ ସଂରକ୍ଷଣ ଦ୍ୱାରା ଖରାଦିନେ ଜଳକଷ୍ଟ ଦୂର ହୋଇପାରିବ। ଆଦର୍ଶ ସହର ଗଠନ ଲାଗି ଏହା ଏକ ସୋପାନ।

-ଅଶୋକ କୁମାର ରାଉଳ, କାର୍ଯ୍ୟକ୍ରମ ସଂଯୋଜକ

**ଦୂର ହେବ ପାନୀୟ ଜଳ ସଙ୍କଟ**



"ଭୁବନ ଅଞ୍ଚଳରେ ଜଳସ୍ତର କମୁଥିବାରୁ ଖରାଦିନେ ଜଳସଙ୍କଟ ଉତ୍କଟ ହେଉଛି। ସରକାରଙ୍କ ପକ୍ଷରୁ ନିଆଯାଇଥିବା ଏହି ପଦକ୍ଷେପ ପାନୀୟ ଜଳକଷ୍ଟ ଦୂର କରିବାରେ ସହାୟକ ହେବ ବୋଲି ଆଶା ରହିଛି। ପ୍ରକଳ୍ପକୁ ମିଶନ ଶକ୍ତି ଜରିଆରେ ନିର୍ମାଣ କରାଯାଉଛି।

-ପୁଷ୍ପାଞ୍ଜଳି ପୋଥାଳ, ମିଶନ ଶକ୍ତି ସଦସ୍ୟା

**ଏଭଳି ଯୋଜନାର ଆବଶ୍ୟକତା ରହିଛି**



"ସହରାଞ୍ଚଳରେ ଜଳସଙ୍କଟର ମୁକାବିଲା ଲାଗି ଏଭଳି ଯୋଜନାର ଆବଶ୍ୟକତା ରହିଛି। ସରକାର ସହର ବିକାଶରେ ପର୍ଯ୍ୟାପ୍ତ ଅର୍ଥ ବିନିଯୋଗ କରୁଛନ୍ତି। ଲୋକମାନେ ପ୍ରକଳ୍ପର ସୁରକ୍ଷା କରିବା ଦିଗରେ ଆଗେଇ ଆସିବା ଜରୁରୀ। ଫଳରେ ବର୍ଷାଜଳ ଅମଳର ସୁଫଳ ମିଳିବା ସହ ଭୂତଳ ଜଳସ୍ତର ବୃଦ୍ଧି ପାଇବ।

-ଝୁନାରାଣୀ ସାହୁ, ମିଶନ ଶକ୍ତି ସମ୍ପାଦିକା

